# NATIONAL NEWS BULLETIN (ODIA)

**24 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଜାତୀୟ ଉପଭୋକ୍ତା ଦିବସ ଅବସରରେ ଅନେକ ଗୁଡ଼ିଏ ପଦକ୍ଷେପର ଶୁଭାରମ୍ଭ କଲେ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ
- ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ଶ୍ୟାମ ବେନେଗଲ୍‌ଙ୍କ ୯୦ ବର୍ଷ ବୟସରେ ପରଲୋକ,

–ଆଉ କିଛି ସମୟ ପରେ ମୁମ୍ବାଇର ଶିବାଜୀ ପାର୍କରେ ହେବ ଅନ୍ତିମ ସଂସ୍କାର

- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଅବସରରେ ଆସନ୍ତାକାଲି ମଧ୍ୟପ୍ରଦେଶରେ ବିଭିନ୍ନ ଯୋଜନାର ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ
- ଉଲ୍‌ଫାକୁ ବେଆଇନ ଘୋଷଣା କରିବା ଲାଗି କାରଣ ନିର୍ଦ୍ଧାରଣ ନିମନ୍ତେ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍ ଗଠିତ

ଏବଂ

- ଭଦୋଦରାର କୋଟାମ୍ବୀ ଷ୍ଟାଡିୟମରେ ଚାଲିଛି ଭାରତ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଦିନିକିଆ କ୍ରିକେଟ୍ ମ୍ୟାଚ୍

---

## କଞ୍ଜୁମର ଡେ

ଜାତୀୟ ଉପଭୋକ୍ତା ଦିବସ ଅବସରରେ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଆଜି ଇ-କମର୍ସ ପ୍ଲାଟଫର୍ମରେ ଉପଭୋକ୍ତାଙ୍କୁ ସଶକ୍ତ

କରିବା ଉଦ୍ଦେଶ୍ୟରେ ବିଭିନ୍ନ ପଦକ୍ଷେପର ଭର୍ଚୁଆଲରେ ଶୁଭାରମ୍ଭ କରିଛନ୍ତି। ଇ-କମର୍ସ ପ୍ଲାଟଫର୍ମରେ ଗ୍ରାହକଙ୍କ ସୁରକ୍ଷା ଏବଂ ଠକେଇ ସଂପର୍କରେ ଚିହ୍ନଟ କରିବା ପାଇଁ ଶ୍ରୀ ଯୋଶୀ ଜାଗୋ ଗ୍ରାହକ ଜାଗୋ ଆପ୍, ଜାଗୃତି ଆପ୍ ଏବଂ ଜାଗୃତି ଡ୍ୟାସବୋର୍ଡ ଉନ୍ମୋଚନ କରିଛନ୍ତି ।। 'ଜାଗୋ ଗ୍ରାହକ ଜାଗୋ ଆପ୍' ଗ୍ରାହକଙ୍କ ଅନଲାଇନ୍ କାରବାର ସମୟରେ ସମସ୍ତ ୟୁଆରଏଲ୍ ବିଷୟରେ ଜରୁରୀ ଇ-କମର୍ସ ସୂଚନା ପ୍ରଦାନ କରିବ । ଯଦି କୌଣସି ୟୁଆରଏଲ୍ ଅସୁରକ୍ଷିତ ହୋଇଥିବ ଏବଂ ସତର୍କତା ଆବଶ୍ୟକ କରୁଥିବ, ସେ କ୍ଷେତ୍ରରେ ଗ୍ରାହକମାନଙ୍କୁ ସତର୍କ କରାଇବ ।

ଶ୍ରୀ ଯୋଶୀ ତାଙ୍କ ବାର୍ତ୍ତାରେ ଉପଭୋକ୍ତାଙ୍କ ଅଧିକାରର ସୁରକ୍ଷା ଏବଂ ସଶକ୍ତୀକରଣ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଏକ ସୁରକ୍ଷିତ, ସ୍ୱଚ୍ଛ ଏବଂ ବିଶ୍ୱସନୀୟ ବଜାର ସ୍ଥାନ ପ୍ରଦାନ କରିବା ଏବଂ ଡିଜିଟାଲ କ୍ଷେତ୍ରରେ ଠକେଇ ଉପରେ ନଜର ରଖିବା ଲାଗି ସରକାର କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସେ କହିଛନ୍ତି।

ଉପଭୋକ୍ତା ଅଧିକାରକୁ ପ୍ରୋତ୍ସାହନ ଦେବା ପାଇଁ ସମସ୍ତ ଅଂଶୀଦାର, ବିଜନେସ୍ ଇକମର୍ସ ପ୍ଲାଟଫର୍ମ, ନାଗରିକ ସମାଜ ଏବଂ ନିୟାମକ କର୍ତ୍ତୃପକ୍ଷ ମିଳିତ ଭାବେ କାର୍ଯ୍ୟ କରିବାକୁ ଶ୍ରୀ ଯୋଶୀ ଅନୁରୋଧ କରିଥିଲେ।

ଦେଶରେ ଖାଉଟି ଆନ୍ଦୋଳନର ମହତ୍ତ୍ୱ ଉପରେ ଆଲୋକପାତ କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୨୪ ତାରିଖକୁ ଜାତୀୟ ଖାଉଟି ଦିବସ ଭାବେ

ପାଳନ କରାଯାଉଛି। ଚଳିତ ବର୍ଷ ଏହାର ବିଷୟବସ୍ତୁ ହେଉଛି **ଭର୍ଚୁଆଲ୍ ଶୁଣାଣି ଏବଂ ଉପଭୋକ୍ତା ନ୍ୟାୟ ପାଇଁ ଡିଜିଟାଲ ଆକସେସ୍ ।**

# ଶ୍ୟାମ ବେନଗଲ

ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ଶ୍ୟାମ ବେନେଗାଲଙ୍କ ୯୦ ବର୍ଷ ବୟସରେ ମୁମ୍ବାଇରେ ପରଲୋକ ଘଟିଛି । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

ଶ୍ୟାମ ବେନେଗାଲଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟରେ ଶ୍ରୀ ମୋଦି ଫିଲ୍ମ ନିର୍ମାତା ବେନେଗଲଙ୍କ କାହାଣୀ ଉପସ୍ଥାପନା ଶୈଳୀକୁ ପ୍ରଶଂସା କରି କହିଛନ୍ତି ଯେ ଏହା ଭାରତୀୟ ସିନେମା ଉପରେ ଗଭୀର ପ୍ରଭାବ ପକାଇଛି । ଶ୍ରୀ ବେନେଗାଲଙ୍କ କାର୍ଯ୍ୟକୁ ବିଭିନ୍ନ ବର୍ଗର ଲୋକମାନେ ଆଗାମୀ ଦିନରେ ମଧ୍ୟରେ ସ୍ମରଣ କରିବେ ବୋଲି ସେ କହିଛନ୍ତି ।

ମହାରାଷ୍ଟ୍ର ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ ଶ୍ୟାମ ବେନେଗାଲଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ ବେନେଗାଲ ଅସାଧାରଣ ପ୍ରତିଭାଶାଳୀ ଚଳଚ୍ଚିତ୍ର ନିର୍ମାତାଙ୍କ ମଧ୍ୟରେ ଅନ୍ୟତମ ଥିଲେ । ସେ ସମାନ୍ତରାଳ ସିନେମାରେ ତାଙ୍କର ଅଗ୍ରଣୀ ଅବଦାନ ମାଧମରେ ସିନେମା ଜଗତରେ ଏକ ଅବିସ୍ମରଣୀୟ ଛାପ ସୃଷ୍ଟି କରିଥିଲେ ।

ସେ ଆହୁରି ମଧ କହିଛନ୍ତି ଯେ ତାଙ୍କ ବିୟୋଗରେ ଭାରତ ଜଣେ ପ୍ରତିଭାଶାଳୀ ଚଳଚ୍ଚିତ୍ର ନିର୍ମାତାଙ୍କୁ ହରାଇଛି ଯିଏ କି ଅନେକ ପିଢ଼ିର କାହାଣୀକାରଙ୍କୁ ପ୍ରେରଣା ଦେଇଥିଲେ।

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଶ୍ୟାମ ବେନେଗାଲଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିବା ସହ ତାଙ୍କୁ ସମାନ୍ତରାଳ ସିନେମାର ଦୂତ ବୋଲି ପ୍ରଶଂସା କରିଛନ୍ତି । ଶ୍ରୀ ଫଡନାଭିସ ଆହୁରି ମଧ୍ୟ କହିଛନ୍ତି ଯେ ଭାରତୀୟ ଚଳଚ୍ଚିତ୍ର ଜଗତ ଏବଂ ଏହାର ଭବ୍ୟତା ପାଇଁ ଶ୍ୟାମ ବେନେଗାଲଙ୍କ ଅମୂଲ୍ୟ ଅବଦାନକୁ କେବେ ବି ଭୁଲିହେବ ନାହିଁ ।

ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ କହିଛନ୍ତି ଯେ ବେନେଗାଲଙ୍କ ଚଳଚ୍ଚିତ୍ରସାଧାରଣ ଲୋକଙ୍କ ସଂଘର୍ଷ ଏବଂ ସମସ୍ୟାଉପରେ ଆଲୋକପାତ କରିଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ବେନେଗଲଙ୍କ ବିୟୋଗ ସମାନ୍ତରାଳ ଚଳଚ୍ଚିତ୍ର ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି ।

ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଶ୍ୟାମ ବେନେଗଲଙ୍କୁ ଭାରତୀୟ ଚଳଚ୍ଚିତ୍ର ଜଗତକୁ ଏକ ନୂତନ ଦିଗ ଦେଇଥିବା ନିର୍ଦ୍ଦେଶକ ଭାବରେ ପ୍ରଶଂସା କରିବା ସହ ତାଙ୍କ ବିୟୋଗକୁ ଭାରତୀୟ ସିନେମା ଇତିହାସର ଏକ ସୁବର୍ଣ୍ଣ ଯୁଗର ଅନ୍ତ ବୋଲି କହିଛନ୍ତି । କଂଗ୍ରେସ ନେତା ବିଜୟ ୱାଡେଟ୍ଟିୱାର ଶ୍ୟାମ ବେନେଗାଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ନିଆରା ଚଳଚ୍ଚିତ୍ର ନିର୍ମାଣ ଶୈଳୀ ଉପରେ ଆଲୋକପାତ କରି କହିଛନ୍ତି, ସାମାଜିକ ବାସ୍ତବତାକୁ ରୂପେଲି ପରଦାରେ ଉପସ୍ଥାପନ କରିବା ସହ ତାହା ଭାରତୀୟ ସିନେମାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା ।
ମୁମ୍ବାଇର ଶିବାଜୀ ପାର୍କରେ ଆଉ କିଛି ସମୟ ମଧ୍ୟରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ଜଣାପଡ଼ିଛି ।

---

## ବାଜପେୟୀ

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଅବସରରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ମଧ୍ୟପ୍ରଦେଶ ଗସ୍ତରେ ଯିବେ। ସେ ଖଜୁରାହୋରେ ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶର ପ୍ରଥମ ଆନ୍ତଃସଂଯୋଗ ପ୍ରକଳ୍ପ କେନ୍ ବେତଓ୍ୱା ନଦୀ ସଂଯୋଗୀକରଣ ଜାତୀୟ ପ୍ରକଳ୍ପର ଶିଳାନ୍ୟାସ କରିବେ । ଏହି ପ୍ରକଳ୍ପ ଦ୍ୱାରା ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶର ବିଭିନ୍ନ ଜିଲ୍ଲାରେ ଜଳସେଚନ ସୁବିଧା ଉପଲବ୍ଧ ହେବ ଏବଂ ଲକ୍ଷ ଲକ୍ଷ କୃଷକ ପରିବାର ଉପକୃତ ହେବେ । ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳବାସୀଙ୍କୁ ପାନୀୟ ଜଳ ସୁବିଧା ମଧ୍ୟ ଯୋଗାଇ ଦିଆଯିବ।

ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଏକ ସ୍ମାରକୀ ଟିକଟ ଓ ମୁଦ୍ରା ଉନ୍ମୋଚନ କରିବେ। ଏଥିସହ ସେ ୧ ହଜାର ୧୫୩ ଅଟଳ ଗ୍ରାମ ସୁଶାସନ ଭବନର ଶିଳାନ୍ୟାସ କରିବେ। ଗ୍ରାମ ପଞ୍ଚାୟତର କାର୍ଯ୍ୟ ଓ ଦାୟିତ୍ୱର ବ୍ୟବହାରିକ ପରିଚାଳନାରେ ଏହି ଭବନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ସ୍ଥାନୀୟ ସ୍ତରରେ ସୁଶାସନ ଆଣିବ ବୋଲି ଆଶା କରାଯାଉଛି।

## ଉଲ୍‌ଫା

ୟୁନାଇଟେଡ୍ ଲିବରେସନ ଫ୍ରଣ୍ଟ ଅଫ୍ ଆସାମ- ଉଲ୍ଫାକୁ ବେଆଇନ ଘୋଷଣା କରିବା ପାଇଁ ଯଥେଷ୍ଟ କାରଣ ଅଛି କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ କେନ୍ଦ୍ର ସରକାର ବେଆଇନ କାର୍ଯ୍ୟକଳାପ ନିବାରଣ ଟ୍ରିବ୍ୟୁନାଲ ଗଠନ କରିଛନ୍ତି। ଟ୍ରିବ୍ୟୁନାଲ ଏହାର ଗୋଷ୍ଠୀ, ଶାଖା ଏବଂ ଆଗଧାଡ଼ିର ସଂଗଠନଗୁଡ଼ିକର ମଧ୍ୟ ଅନୁଧ୍ୟାନ କରିବେ। ଗୌହାଟୀ

ହାଇକୋର୍ଟର ବିଚାରପତି ମାଇକେଲ ଜୋଥାନଖୁମା ଏହି ଟ୍ରିବ୍ୟୁନାଲର ନେତୃତ୍ୱ ନେବେ ।

ପୂର୍ବରୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଉଲ୍ଫା ଉପରେ ଲାଗିଥିବା ନିଷେଧାଦେଶକୁ ୫ ବର୍ଷ ପାଇଁ ବୃଦ୍ଧି କରିଥିଲା। ଅପରାଧିକ କାର୍ଯ୍ୟକଳାପ, ଦାଦାବଟି ଆଦାୟ ଏବଂ ଭାରତରୁ ଅଲଗା ହେବା ଉଦ୍ଦେଶ୍ୟରେ ସଂଗଠନର ନିରନ୍ତର ସମ୍ପୃକ୍ତି ଥିବା ମନ୍ତ୍ରଣାଳୟ ଦର୍ଶାଇଛି। ୧୯୯୦ମସିହାରେ ପ୍ରଥମେ ଏହି ସଂଗଠନକୁ ନିଷିଦ୍ଧ କରାଯାଇଥିଲା ଏବଂ ସେବେଠାରୁ ଏହି ନିଷେଧାଦେଶକୁ ସମୟକ୍ରମେ ବୃଦ୍ଧି କରାଯାଉଛି ।

---

# ସେଣ୍ଟର- ଗ୍ରାଣ୍ଟ୍ସ ୟୁପି, ଏପି

କେନ୍ଦ୍ର ସରକାର' ଉତ୍ତରପ୍ରଦେଶ ଓ ଆନ୍ଧ୍ରପ୍ରଦେଶରେ ଗ୍ରାମୀଣ ବିକାଶ ପାଇଁ  ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ସ୍ୱରୂପ ୨ ହଜାର କୋଟି ରୁ ଅଧିକ ଟଙ୍କାର ଅନୁଦାନ ଦେଇଛନ୍ତି । ପଞ୍ଚାୟତିରାଜ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଉତ୍ତରପ୍ରଦେଶ ପାଇଁ ୧ ହଜାର ୫୯୮ କୋଟି ରୁ ଅଧିକ ଟଙ୍କା ଏବଂ ଆନ୍ଧ୍ରପ୍ରଦେଶ ପାଇଁ ୪୪୬ କୋଟି ରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି। ଏହି ଅନୁଦାନକୁ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ଗ୍ରାମୀଣ ସ୍ଥାନୀୟ ସଂସ୍ଥା ଗୁଡ଼ିକ  ନିର୍ଦ୍ଦିଷ୍ଟ ଆବଶ୍ୟକତା ପାଇଁ ବ୍ୟବହାର କରିବେ।

ମନ୍ତ୍ରଣାଳୟ କହିଛି ଯେ ଗ୍ରାମୀଣ ସ୍ଥାନୀୟ ଶାସନର ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଆଣିବା ପାଇଁ ସରକାର ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସିଧାସଳଖ ଅନୁଦାନ ପ୍ରଦାନ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସବକା ସାଥ, ସବକା ବିକାଶ, ସବକା

ବିଶ୍ୱାସ, ସବକା ପ୍ରୟାସର ପରିବର୍ତନଶୀଳ ଦୃଷ୍ଟିକୋଣ ସହିତ ଯୋଡ଼ି ହୋଇଥିବା ଏହି ପଦକ୍ଷେପ ତୃଣମୂଳ ସ୍ତରରେ ଗଣତାନ୍ତ୍ରିକ ଅଂଶଗ୍ରହଣକୁ ସୁଦୃଢ଼ କରିବା ସହିତ ସାମଗ୍ରିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରୁଛି ।

---

## ଅଶ୍ୱିନୀ-ସ୍ମାର୍ଟଫୋନ୍

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୮ ମାସରେ ସ୍ମାର୍ଟଫୋନର ରପ୍ତାନି ମୂଲ୍ୟ ଏକ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟରେ ଶ୍ରୀ ବୈଷ୍ଣବ କହିଛନ୍ତି, ଉତ୍ପାଦନ ଜଡ଼ିତ ପ୍ରୋତ୍ସାହନ ଯୋଜନା ଯୋଗୁଁ ଦେଶରେ ସ୍ମାର୍ଟଫୋନ୍ ରପ୍ତାନି ଗତବର୍ଷ ତୁଳନାରେ ୪୫ ପ୍ରତିଶତ ବୃଦ୍ଧି ପାଇଛି । ଚଳିତ ଆର୍ଥିକ ବର୍ଷରେ ସ୍ମାର୍ଟଫୋନର ରପ୍ତାନି କୁ ୧ ଲକ୍ଷ ୭୦ ହଜାର କୋଟି ଟଙ୍କାରେ ପହଞ୍ଚାଇବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ସ୍ମାର୍ଟଫୋନ କ୍ଷେତ୍ରରେ ପିଏଲଆଇ ଯୋଜନାରେ ୩ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଏବଂ ୬ ଲକ୍ଷ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇଥିବା ଶ୍ରୀ ବୈଷ୍ଣବ କହିଛନ୍ତି ।

---

## ପୁଡୁଚେରୀ ବିଏସ୍ଏନ୍ଏଲ୍- ୪ଜି

ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ୍) ପୁଡୁଚେରୀରେ ଏହାର ସେବାରେ ଉନ୍ନତି ଆଣିବା ପାଇଁ ନୂତନ ପଦକ୍ଷେପ ଘୋଷଣା କରିଛି । ଏଥିରେ ନିରବଚ୍ଛିନ୍ନ ଯୋଗାଯୋଗ ପାଇଁ ୧୦୦ ଟି ଅତିରିକ୍ତ ଟାୱାର ସ୍ଥାପନ କରିବାର ଯୋଜନା ରହିଛି । ସୁଲଭ ସେବା ପ୍ରତି ବିଏସଏନଏଲର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରି ବିଏସଏନଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରବର୍ଟ ରବି

ଜେରାର୍ଡ ଘୋଷଣା କରିଛନ୍ତି ଯେ ମୋବାଇଲ ସେବା ଶୁଳ୍କ ବୃଦ୍ଧି କରିବାକୁ କମ୍ପାନୀର କୌଣସି ଯୋଜନା ନାହିଁ । ଗତ ତିନି ମାସ ମଧ୍ୟରେ ବିଏସ୍ଏନ୍ଏଲ୍ ପାଇଁ ୨୦ ହଜାର ନୂତନ ସଂଯୋଗ ସୃଷ୍ଟି ହୋଇଛି ଏବଂ ପୁଡୁଚେରୀରେ ବିଏସ୍ଏନ୍ଏଲ୍ ଉପଭୋକ୍ତାଙ୍କ ସଂଖ୍ୟା ୭୫,୦୦୦କୁ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି।

ଭାମ୍ବୁପଟ୍ଟୁ ଗାଁରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଜେରାର୍ଡ ବିଏସଏନଏଲର ମାଗଣା ଇଣ୍ଟରନେଟ୍ ଟିଭି, ନ୍ୟାସନାଲ ୱାଇ-ଫାଇ ରୋମିଂ ଏବଂ ଫାଇବର ଇଣ୍ଟରନେଟ୍ ଟିଭି ସମେତ ଅନେକ ନୂତନ ସେବାର ଶୁଭାରମ୍ଭ କରିଥିଲେ ।

## ଟ୍ରାଭେଲ୍ ଆଡଭାଇଜରୀ

ନେପାଳରେ ମିଆଁମାର, ଥାଇଲାଣ୍ଡ, କାମ୍ବୋଡିଆ ଏବଂ ଲାଓସ୍ ଯାତ୍ରା କରିବାକୁ ଯୋଜନା କରୁଥିବା ନାଗରିକମାନଙ୍କ ପାଇଁ ସରକାର ତିନି ସୂତ୍ରୀ ଭ୍ରମଣ ପରାମର୍ଶବଳୀ ଜାରି କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ନେପାଳୀ ନାଗରିକମାନଙ୍କୁ ବିଦେଶରେ ନିଯୁକ୍ତି ଉଦ୍ଦେଶ୍ୟରେ ଭ୍ରମଣ କରିବା ସମୟରେ ସତର୍କତା ଅବଲମ୍ବନ କରିବାକୁ ଅନୁରୋଧ କରିଛି। ବିଦେଶରେ ଥିବା ନେପାଳୀ ଦୂତାବାସ ଜରିଆରେ ଲୋକମାନେ ବିଦେଶୀ କମ୍ପାନି ଏବଂ ନିଯୁକ୍ତିଦାତାଙ୍କ ବିଷୟରେ ପର୍ଯ୍ୟାପ୍ତ ତଥ୍ୟ ହାସଲ କରିବା ଉଚିତ ବୋଲି  ପରାମର୍ଶବଳୀରେ ସୂଚନା ଦିଆଯାଇଛି ।

ସୂଚନା ଅନୁଯାୟୀ ମାନବ ଚାଲାଣ ଏବଂ ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ରାକେଟ୍ ଗୁଡ଼ିକ  ଆକର୍ଷଣୀୟ ଦରମା ଲୋଭରେ

ଏହି ଦେଶଗୁଡ଼ିକରେ ନେପାଳୀ ନାଗରିକମାନଙ୍କୁ ବେଆଇନ କାର୍ଯ୍ୟକଳାପରେ ନିୟୋଜିତ କରୁଛନ୍ତି। ମନ୍ତ୍ରଣାଳୟ କହିଛି ଯେ ନିଯୁକ୍ତିଦାତାମାନେ ପାସପୋର୍ଟ ଜବତ କରିବା, କର୍ମଚାରୀଙ୍କୁ ଦିନକୁ ୧୨ରୁ ୧୩ ଘଣ୍ଟା ନିୟୋଜିତ କରିବା, ନିର୍ଯାତନା ଦେବା ଏବଂ ଦରମା ନ ଦେବା ଭଳି ସମସ୍ୟା ଦେଖାଦେଇଛି। ଆଇନ ଅନୁଯାୟୀ ଦଣ୍ଡନୀୟ ହୋଇଥିବାରୁ ଏଭଳି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ନ ହେବାକୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସମ୍ପୃକ୍ତ ସମସ୍ତଙ୍କୁ ଅନୁରୋଧ କରିଛି।

## ମହିଳା କ୍ରିକେଟ୍

ଭଦୋଦରାର କୋଟାମ୍ବି ଷ୍ଟାଡିୟମରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଆଇସିସି ମହିଳା ଚାମ୍ପିୟନଶିପ୍ ଶୃଙ୍ଖଳାର ଦ୍ୱିତୀୟ ଦିନିକିଆ ଆରମ୍ଭ ହୋଇଛି । ଭାରତ ଟସ୍ ଜିତି ବ୍ୟାଟିଂ କରୁଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୨ ଓଭରରେ କୌଣସି ୱିକେଟ୍ ନ ହରାଇ ୫ ରନ୍ ସ୍କୋର କରିଛି ।

ଏହା ପୂର୍ବରୁ ରବିବାର ସେହି ପଡ଼ିଆରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ଭାରତ ୨୧୧ ରନ୍ ରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଥିଲା।